# Akashvani, Sambalpur

# SAMBALPURI NEWS BULLETIN

## 19 October 2024- 6.47- 6.52 am.

**********************************************

ଲାଇଟ୍ ହାଉସ୍ ଫେଷ୍ଟିଭାଲ          ଆର୍ଏନ୍ୟୁ / ସମ୍ବଲପୁର

ଦେଶେ ସାମୁଦ୍ରିକ ଐତିହ୍ୟକେ ନେଇକରି ‘ଭାରତ୍ ଦେଖୋ ଅପ୍ନା ଦେଶ୍’ କାର୍ଯ୍ୟକ୍ରମ୍ ହେଉଛେ । ଇ ଅବ୍ସରେ ବନ୍ଦର, ଜାହାଜ ଚଳାଚଲ୍ ଆଉ ଜଳମାର୍ଗ ମନ୍ତ୍ରଣାଳୟ ତର୍ଫୁ ପୁରୀ ତାଲ୍ବଣିଆ ପଡ଼ିଆ ନ ୨ ନମ୍ବର୍ ଇଣ୍ଡିଆନ୍ ଲାଇଟ୍ ହାଉସ୍ ଫେଷ୍ଟିଭାଲ୍ ଆୟୋଜନ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଫେଷ୍ଟିଭାଲ୍କେ ଆଏଜ୍ ଉଦ୍ଘାଟନ୍ କର୍ବେ । ଇଥି କେନ୍ଦ୍ର ବନ୍ଦର, ଜାହାଜ୍ ଚଳାଚଲ୍ ଆଉ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ ଆଉ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର୍, କେନ୍ଦ୍ର ପର୍ଯ୍ୟଟନ୍ ରାଷ୍ଟ୍ରମନ୍ତ୍ରୀ ସୁରେଶ୍ ଗୋପୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍ ସାଂସଦ୍ ସମ୍ବିତ୍ ପାତ୍ର ଉପସ୍ଥିତ୍ ରହେବେ । ଲୋକ୍ମାନେ ୨ ଦିନିଆ ଇ ଫେଷ୍ଟିଭାଲ୍କେ ମାହାଲିଆ ଦେଖିପାର୍ବେ । ଇଥି ସମୁଦ୍ରଖଁଡ଼ି ଇଲାକା ମାନକର୍

ଖାଦ୍ୟପସରା, ଲୋକନାଚ୍ ଆଉ ଗୀତ, କୋଷ୍ଟାଲ୍ ହାଟ୍, ବଲିଉଡ୍ ଗାୟକ୍‌ମାନ୍‌କର୍ ତର୍‌ଫୁ ସଂଗୀତ୍ ପରିବେଷଣ କରାଯିବା ।

ପୁରୀ ହବିଷ୍ୟାଲୀ-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀକେ ବାହାର୍ ଜିଲ୍ଲାନୁ ଯାଇଥିବା ହବିଷ୍ୟାଲୀମାନ୍‌କୁ ସବୁ ପ୍ରକାର୍ ସୁବିଧା ଯୁଗେଇ ଦେବାର୍‌କେ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଜ୍ୟ ସର୍‌କାର୍ ହବିଷ୍ୟାଲୀମାନ୍‌କର୍ ସୁବିଧା ଲାଗି ରହେବାର୍ ବ୍ୟବସ୍ଥା କରିଥିବାର୍ ବେଲେ କେତେ ହବିଷ୍ୟାଲୀ ଇଥୁ ବଂଚିତ୍ ହେଇଥିବାର୍ ଅଭିଯୋଗ୍ ହେଇଛେ । ମୁଖ୍ୟମନ୍ତ୍ରୀ ଇ ଅଭିଯୋଗ୍ ପାଏବାର୍ ଉତ୍‌ରୁ ଏକ୍ସ ହେଣ୍ଡଲ୍‌ଥି କହିଛନ୍ ଯେ, ବିଭାଗୀୟ ଅଧିକାରୀମାନ୍‌କୁ ଶ୍ରୀମନ୍ଦିର ପ୍ରଶାସନ୍ ଆର୍ ଜିଲ୍ଲାପାଲ୍‌ଙ୍କୁ ସବୁ ପ୍ରକାର୍ ବନ୍ଦୋବସ୍ତ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ହବିଷ୍ୟାଲୀ- ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ହବିଷ୍ୟାଲୀ ମହିଳାମାନ୍‌କର୍ ମାହାପୁରୁଙ୍କର୍ ଲାଗି ସେବା ଆଉ ସମର୍ପଣ୍ ଓଡ଼ିଶାକେ ସମୃଦ୍ଧ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଗଲାକାଏଲ୍ ପୁରୀ ବୃନ୍ଦାବତୀ ନିବାସ୍ ନ ରାଇଦାମୋଦର ବ୍ରତର ଶୁଭାରମ୍ଭ କରିକରି ଶ୍ରୀମତୀ ପରିଡ଼ା କହିଛନ୍ ଯେ, ହବିଷ୍ୟାଲୀ ମହିଳାମାନ୍‌କୁ ଶ୍ରୀକ୍ଷେତ୍ର ପୁରୀ ନ ଆଧ୍ୟାତ୍ମିକ ଆଉ ଧାର୍ମିକ ଶାନ୍ତି ଦେବା ଆର୍ ସେମାନ୍‌କୁ ସେବା ଯୁଗଉଥିବା ଅଧିକାରୀ, କର୍ମଚାରୀ ଆଉ ସ୍ୱେଚ୍ଛାସେବୀମାନେ ସେତ୍‌କି ଆଶିର୍ବାଦ୍ ପାଏବେ । ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଇଥି ଯୋଗ୍ ଦେଇକରି କହିଛନ୍ ଯେ, ହବିଷ୍ୟାଲୀମାନ୍‌କର୍ ବ୍ରତ ଲାଗି ଟଙ୍କା ମଞ୍ଜୁର୍ ସହେତେ ସବୁ ସହଯୋଗ୍ କରାଯାଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ବଛର୍ କାର୍ତ୍ତିକ ବ୍ରତ ଲାଗି ସଂସ୍କୃତି ବିଭାଗ୍ ତର୍‌ଫୁ ୨ କୋଟି ୫୭ ଲାଖ୍ ୫୦ ହଜାର୍ ଟଙ୍କା ବ୍ୟୟ ଅଟକଳ ଅନୁମୋଦନ୍ କରାଯାଇଛେ ।

ଆୟୁସ୍ମାନ୍ ଭାରତ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଇ ଆର୍ଥିକ୍ ବଛର୍ ଶେଷ୍‌ତକ୍ ଆୟୁସ୍ମାନ୍ ଭାରତ୍ ଲାଗୁ କରାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ ।

ସର୍କାର୍ ଆୟୁସ୍ମାନ୍ ଭାରତ୍ କାର୍ଯ୍ୟକାରୀ କର୍ବାର୍କେ କାମ୍ ମୁଲ୍ କରିଛନ୍ । ଇଥି ଲୁକେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାର୍ବେ । ସେ କହିଛନ୍ ଯେ, ଆୟୁସ୍ମାନ୍ ଭାରତ୍ ସାଙ୍ଗେ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍ନା ସମାନ୍ ଭାବେ ଚାଲୁ ରହେବା । ଦୁହି ଯୋଜ୍ନା ଲାଗି ଅଲ୍ଗା ଅଲ୍ଗା କାର୍ଡ୍ ନାଇଁ ହୁଏ ବଲି ଡକ୍ଟର୍ ମହାଲିଙ୍ଗ୍ କହିଛନ୍ । ହିତାଧିକାରୀଙ୍କର୍ ପରିବାର୍ର ସବୁ ସଦସ୍ୟଙ୍କର୍ ଲାଗି ଗୁଟେ କାର୍ଡ୍ ମିଲ୍ବା । ଇଥି ପରିବାର୍ର ସଭେ ଚିକିତ୍ସା ସୁବିଧା ପାଏବେ । ପହେଲା ଖେପେ ରାଜ୍ୟର୍ ୧ କୋଟି ପରିବାର୍ର ପାଖାପାଖି ୩ କୋଟି ୫୦ ଲାଖ୍ ଲୁକ୍କୁ ଆୟୁସ୍ମାନ୍ ଆର୍ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍ନାଥି ସାମିଲ୍ କରାଯିବା । ଆୟୁସ୍ମାନ୍ ଭାରତ୍ ଜନଆରୋଗ୍ୟ ଯୋଜ୍ନାଥି ଏତ୍କେ ୭୦ ନୁ ଅଏତ୍କା ବୟସର୍ ଲୁକେ ଲାଭ ପାଏବେ । ଆୟୁସ୍ମାନ୍ ଭାରତ୍ ଜନଆରୋଗ୍ୟ ଯୋଜ୍ନାଥି ହିତାଧିକାରୀମାନେ ରାଜ୍ୟ ବାହାରେ ଭିଲ୍ ଚିକିତ୍ସା ସୁବିଧା ପାଇପାର୍ବେ ।

ଧାନ୍ ତ୍ରକ୍-ଭିଏଲ୍ଟିଡି ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ଇ ବଛର୍ ଧାନ୍ ନେବାର୍‌ଥି ନିୟୋଜିତ ହେବାର୍‌କେ ଥିବାର୍ ଫି' ଟ୍ରକ୍‌ଥି ଭେଇକିଲ୍ ଲୋକେସନ୍ ଟ୍ରାକିଂ ଡିଭାଇସ୍ - ଭିଏଲ୍‌ଟିଡି ଲଗାବାର୍‌କେ ପରିବହନ୍ କମିଶନର୍ ଅମିତାଭ୍ ଠାକୁର୍ ନିର୍ଦ୍ଦେଶ୍ ଦେଇଛନ୍ । ନଭେମ୍ବର୍ ୧୫ ତାରିଖ୍‌ତକ୍ ଫି' ଟ୍ରକ୍‌ଥି ଇ ଡିଭାଇସ୍ ଲାଗ୍‌ବା ବଲି ରାଜ୍ୟ ପରିବହନ୍ ପ୍ରାଧିକରଣ୍ ତର୍‌ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ବଛର୍ ରାଏଜେ ୮୬ ଲାଖ୍ ଟନ୍ ଧାନ୍ ଘିନା ଲାଗି ଲକ୍ଷ୍ୟ ରଖାଯାଇଛେ ।

ଶହୀଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜ୍‌ନା   ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏବା ମାସ ୧୫ ତାରିଖ୍ ଦିନ ବିର୍ସାମୁଣ୍ଡାଙ୍କର୍ ଜୟନ୍ତୀ ଅବ୍‌ସରେ ଶହୀଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜ୍‌ନାର୍ ଶୁଭାରମ୍ଭ ହେବା । ଇତାର୍ ଆଘୋନୁ ନଭେମ୍ବର୍ ୫ ତାରିଖ୍‌ତକ୍ ଇ ଯୋଜ୍‌ନାଥି ଭତା ପାଏବାର୍ ଲାଗି ଯୋଗ୍ୟ ଛାତ୍ରଛାତ୍ରୀଙ୍କର୍ ତାଲିକା ପ୍ରସ୍ତୁତ୍ ହେବା । ଇ ଯୋଜ୍‌ନାଥି ୯ ଆର୍ ୧୧ କ୍ଲାସ୍‌ର ଅନୁସୂଚିତ ଜନଜାତି ବର୍ଗର୍ ଛାତ୍ରଛାତ୍ରୀଙ୍କୁ ୫ ହଜାର୍ ଟଙ୍କା ମିଲ୍‌ବା । ନଭେମ୍ବର୍ ୧୫ ତାରିଖ୍ ଦିନ ରାଜକୋଷନୁ ଡିବିଟି

ଜରିଏ ଯୋଗ୍ୟ ଛାତ୍ରଛାତ୍ରୀଙ୍କର୍ ଏକାଉଂଟ୍‌କେ ଇ ଟଙ୍କା ଯିବା । ସେଥିର୍‌ଲାଗି ଇ ମାସର୍ ୨୫ ତାରିଖ୍‌ତକ୍ ଜାତି ପ୍ରମାଣ୍‌ପତ୍ର, ଆୟ ପ୍ରମାଣ୍‌ପତ୍ର ଆର୍ ବେଙ୍କ୍ ପାସ୍‌ବୁକ୍‌ର ପହେଲା ପୃଷ୍ଠ ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ପ୍ରଧାନ୍‌ଶିକ୍ଷକ୍ ଆର୍ ଯୁକ୍ତଦୁଇ କଲେଜ୍ ଅଧ୍ୟକ୍ଷ ଯୋଗ୍ୟ ଛାତ୍ରଛାତ୍ରୀଙ୍କର୍ ତାଲିକା ଚୂଡ଼ାନ୍ତ କର୍‌ବେ । ଖାଲି ସର୍‌କାରୀ ଆର୍ ଅନୁଦାନ୍ ପ୍ରାପ୍ତ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଇଥିର୍‌ଲାଗି ଯୋଗ୍ୟ ହେବେ ।

ଟ୍ରେନ୍ ଯାତ୍ରାକେ ଆର୍‌ଏନ୍‌ୟୁ / ସମ୍ବଲପୁର

ଦୀଆଲୀ ପାଖେ ଆସୁଥିବାର୍ ବେଲେ ଟ୍ରେନ୍ ଯାତ୍ରାକେ ସୁରକ୍ଷିତ କର୍‌ବାର୍ ଲାଗି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ଯାତ୍ରୀମାନ୍‌କୁ ସତର୍କତା ଅବଲମ୍ବନ୍ କର୍‌ବାର୍‌କେ ଅନୁରୋଧ୍ କରାଯାଇଛେ । ସେଥିର୍‌ଲାଗି ପୂର୍ବତଟ ରେଲ୍‌ପଥ ତର୍‌ଫୁ ଇଟାକେ ନେଇକରି ସ୍ୱତନ୍ତ୍ର ଅଭିଯାନ୍ ମୁଲ୍ କରାଯାଇଛେ । ଟ୍ରେନ୍‌ଥି ଫୁଟ୍‌କା ସହେତେ ଗେସ୍ ସିଲିଣ୍ଡର୍, ଏସିଡ୍, ପେଟ୍ରୋଲ୍, କିରୋସିନ୍ ଆର୍ ଦହନ୍‌ଶୀଳ ସାମାନ୍ ନେବାର୍‌ଟା ରେଲ୍ ଅଧିନିୟମ୍ ୧୯୮୯ ଅନ୍‌ସାରେ ଦଣ୍ଡନୀୟ ଅପରାଧ ଆଏ । ଟ୍ରେନ୍‌ଥି ଫୁଟ୍‌କା ନେଲେ ୩ ବଛର୍‌ତକ୍ ଜେଲ୍ ହେଇପାରେ ।

ପାଣିପାଗ                ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଆଏବା ୨୨ ତାରିଖ୍ ଦିନ ଗୁଟେ ଲଘୁଚାପ୍ ହେବା । ଇଟା ଉତର୍ ପଶ୍ଚିମ ଦିଗ୍‌କେ ମୁହେଁଇକରି ୨୪ ତାରିଖ୍ ଆଡ଼େ ଅବପାତଥି ପରିଣତ୍ ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ଲଘୁଚାପ୍‌ର ପ୍ରଭାବ୍ ଓଡ଼ିଶା ନ ହପ୍ତେତକ୍ ରହେବା । ଇତାର୍ ପ୍ରଭାବ୍‌ଥି ଉପକୂଳ ଓଡ଼ିଶା ନ ୨୩ ନୁ ୨୪ ତାରିକ୍‌ତକ୍ ବର୍ଷା ହେଇପାରେ ବଲି ଅନୁମାନ୍ କରାଯାଇଛେ ।